# Akashvani, Sambalpur

## SAMBALPURI NEWS EVENING BULLETIN

## 4 july 2026-7.02- 7.12 pm.

---

୧- ଓଡ଼ିଶା ଗସ୍ତଥି ଆଏବା ୯ ତାରିଖ୍ ଦିନ ଆଏବେ ଉପରାଷ୍ଟ୍ରପତି ।

- ଗସ୍ତକେ ନେଇକରି ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ହେଲା ପ୍ରସ୍ତୁତି ବୈଠକ୍ ।

୨- ୨୦୨୫-୨୬ ରବି ଋତୁଥି ଧାନ୍ ଘିନା ଲକ୍ଷ୍ୟ ପୂରା ହେଇଛେ- କହେଲେ ସମବାୟ ମନ୍ତ୍ରୀ ।

୩- ପୁରୀ ଶ୍ରୀମନ୍ଦିର ଅଣସର ଘରେ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ଚାଲିଛେ ଗୁପ୍ତ ସେବା ନୀତି ।

- ଆଏଜ୍ ଲାଗି ହେବା ଫୁଲୁରୀ ତେଲ ।

ଆଉର୍

୪- ଲଘୁଚାପ୍ ପ୍ରଭାବ୍‌ଥି ରାଏଜେ ଲାଗି ରହିଛେ ବର୍ଷା ।

- ସମ୍ଭାବ୍ୟ ଜରୁରୀ ପରିସ୍ଥିତିକେ ମୁକାବିଲା କର୍‌ବାର୍ ଲାଗି ପ୍ରଶାସନିକ୍ ବ୍ୟବସ୍ଥାକେ ସଜାଗ ରହେବାର୍‌କେ ନିର୍ଦ୍ଦେଶ୍ ଦେଲେ ରାଜ୍ୟ ସର୍‌କାର୍ ।

ଉପରାଷ୍ଟ୍ରପତି -ଓଡ଼ିଶା ଆଇ.ଆଣ୍ଡ୍.ପି.ଆର୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଏବା ୯ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସୁଛନ୍ । ତାଙ୍କର୍ ଗସ୍ତକେ ସଫଲ୍ ଆଉ ସୁଚାରୁ ଭାବେ ସମ୍ପନ୍ନ କର୍‌ବାର୍ ଲାଗି ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଉପରାଷ୍ଟ୍ରପତିଙ୍କର୍ ଗସ୍ତ ସମିଆଥି ସୁରକ୍ଷା, ପ୍ରୋଟୋକଲ୍, ଯା'ଆସ୍, ଚିକିତ୍ସା, ମୌଳିକ ସୁବିଧା ଆଉ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ସୁପରିଚାଳନା ଲାଗି ସମୀକ୍ଷା କରାଯାଇକରି ସମ୍ପୃକ୍ତ ବିଭାଗ୍ ମାନ୍‌କୁ ଦର୍‌କାରୀ ନିର୍ଦ୍ଦେଶ୍ ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ଆଏବା ୯ ତାରିଖ୍ ଦିନ ଉପରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ କୃଷି ଶିକ୍ଷା ସଦନ୍ ଠାନେ 'ଗଭୀର ସମୁଦ୍ର ନ ମତ୍ସ୍ୟ ସମ୍ପଦ୍‌ର ସ୍ଥାୟୀ ଉପଯୋଗ୍ ଲାଗି ଲେଟର୍ ଅଫ୍

ଅଥରାଇଜେସନ୍'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ୍‌ରେ ଯୋଗ୍ ଦେବେ । ଇତାର୍‌ସହେତେ ଉପରାଷ୍ଟ୍ରପତି ଖୋର୍ଦ୍ଧା ଠାନେ ଥିବା ଜାତୀୟ ବିଜ୍ଞାନ୍ ଶିକ୍ଷା ଆଉ ଗବେଷଣା ସଂସ୍ଥାନ୍- ନାଇଜର୍‌ର ୧୫ ନମ୍ବର୍ ସମାବର୍ତନ୍ ଉତ୍ସବ୍‌ରେ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଅଭିଭାଷଣ୍ ଦେବେ । ଇ ବୈଠକରେ ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ରହିକରି ନିଜର୍ ନିଜର୍ ବିଭାଗ୍‌ର ପ୍ରସ୍ତୁତି ବାବ୍‌ଦେ ଜନେଇଥିଲେ ।

ରବିଧାନ ସଂଗ୍ରହ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ୨୦୨୫-୨୬ ବଛ୍‌ରେ ରବି ଧାନ୍ ସଂଗ୍ରହ ଲକ୍ଷ୍ୟପୂରଣ୍ ହେଇଛେ ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ କହିଛନ୍ । ସେ କହିଛନ୍, ୨୦୨୫-୨୬ ରବି ଧାନ୍ ସଂଗ୍ରହ ଲାଗି ୨୦ ଲାଖ୍ ମେଟ୍ରିକ୍ ଟନ୍ ଲକ୍ଷ୍ୟ ଧାରିଜ୍ କରାଯାଇଥିବାର୍ ବେଲେ ଗଲାକାଏଲ୍‌ତକ୍ ୨୦ ଦଶ୍‌ମିକ୍ ୨/୦ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନାଯାଇଛେ । ୩ ଲାଖ୍ ୫୯ ହଜାର୍‌ନୁ ଅଏତ୍‌କା ଚାଷୀ ଧାନ୍ ବିକିଥିବାର୍ ବେଲେ ସେମାନ୍‌କୁ ୪ ହଜାର୍ ୬୯ କୋଟି ଟଙ୍କା ସର୍ବନିମ୍ନ ମୂଲ୍ୟ ଆଉ ୧ ହଜାର୍ ୨ ଶହ ୫୫ କୋଟି

ଟଙ୍କା ଇନ୍‌ପୁଟ୍ ସାହାଜ୍ ଦିଆଯାଇଛେ । ହେଲେ ଧାନ୍‌ଘିନା ସମିଆକେ ଆଉ ବଢ଼ା ନାଇଁ ଯାଏ ବଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ ।

ସାର ମହଜୁଦ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଚଲ୍‌ତି ବଛର୍ ସାର ଅଭାବ୍ ନାଇଁ ହୁଏ ବଲି ସମବାୟ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ କହିଛନ୍ । ରାଜ୍ୟର୍ ସବୁ ପେକ୍ସ ନ ଭର୍‌ପୁର୍ ମାତ୍ରାଥି ସାର ମହଜୁଦ୍ ରହିଥିବାର୍ ଶ୍ରୀ ବଳସାମନ୍ତ କହିଛନ୍ । ସୂଚ୍‌ନା ଅନ୍‌ସାରେ, ଏଛେନ୍ ରାଏଜେ ୮୧ ହଜାର୍ ଟନ୍ ସାର ମହଜୁଦ୍ ଥିବାର୍ ବେଲେ ଆଏବା ଦିନେ ଅଏତ୍‌କା ସାର ଆସ୍‌ବା ବଲି ସେ କହିଛନ୍ । ଇ ବଛର୍ ୮୦ ହଜାର୍ ଟନ୍‌ନୁ ଅଏତ୍‌କା ୟୁରିଆ, ୯ ହଜାର୍ ଟନ୍ ଏମ୍.ଓ.ପି., ୧୭ ହଜାର୍ ଟନ୍ ବି.ଏ.ପି. ଆଉ ୨୯ ହଜାର୍ ଟନ୍ ଏନ୍.ପି.କେ.ଏସ୍. ସାର ମହଜୁଦ ରହିଥିବା ସୂଚ୍‌ନା ମିଲିଛେ ।

ବିଦ୍ୟାଲୟ ପ୍ରତିଷ୍ଠା- ସଂଶୋଧିତ୍ ଆଇନ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଘରୋଇ ପ୍ରାଥମିକ ଆଉ ଉଚ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ଆଉ ପରିଚାଳନା ଲାଗି ନୂଆଁ ସଂଶୋଧିତ ନିୟମାବଳୀ ଜାରି କରାଯାଇଛେ । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତରଫୁ ଓଡ଼ିଶା ଶିକ୍ଷା ଆଇନ୍- ୧୯୬୯ ଆଉ ଶିକ୍ଷା ଅଧିକାର୍ ଆଇନ୍- ୨୦୦୯ ର ଭିନ୍ ଭିନ୍ ଧାରାକେ ଆଧାର୍ କରିକରି ଇ ନୂଆଁ ସଂଶୋଧିତ୍ ନିୟମାବଳୀ ତିଆର୍ କରାଯାଇଛେ । ଏତ୍କେ ସର୍କାର୍ଙ୍କର୍ ବିନା ଅନୁମତି ଆଉ ସ୍ୱୀକୃତି ପ୍ରମାଣ୍ପତ୍ର ନାଇଁଥିଲେ ରାଏଜେ କେନ୍ସି ବିଦ୍ୟାଳୟ ପ୍ରତିଷ୍ଠା କି ପରିଚାଳନା ନାଇଁ କରାଯାଇପାରେ ।

ନୂଆଁ ସଂଶୋଧିତ୍ ନିୟମ୍ ଅନ୍ସାରେ, ଘରୋଇ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ସୁରକ୍ଷିତ୍ ଆଉ ସ୍ୱାସ୍ଥ୍ୟକର ପରିବେଶ, ପିଇବାର୍ ପାଏନ୍, ଖେଲ୍ପଡ଼ିଆ ଆଉ ରେମ୍ପ୍ ବାଗିର୍ ମୌଳିକ୍ ସୁବିଧାକେ ଜବ୍ରାନ୍ କରାଯାଇଥିବାର୍ ବେଲେ ଶିକ୍ଷା ବଛର୍ ମୁଲ୍ ହେବାର୍ ଆଘୋନୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର୍ ଅନୁମତି ଉତ୍ରୁ ହିଁ ନୂଆଁ ବିଦ୍ୟାଳୟ ଖୁଲାଯାଇପାର୍ବା ।

ରଥଯାତ୍ର– ସମୀକ୍ଷା ବୈଠକ ଆର୍ଏନ୍ୟୁ/ ସମ୍ବଲପୁର

ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକେ ଶୃଙ୍ଖଲିତ୍ ଭାବେ କର୍ବାର୍ ଲାଗି ଆଏଜ୍ ପୁରୀ ନ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ୍ ବାହାଦୂର୍ ଖୁରାନିଆ ସୁରକ୍ଷା ବାବଦ୍ ସମୀକ୍ଷା କରିଛନ୍ । ବୈଠକ୍ଥି ଭିଡ୍ ନିୟନ୍ତ୍ରଣ, ଟ୍ରାଫିକ୍ ବ୍ୟବସ୍ଥା ଆଉ ଶ୍ରଦ୍ଧାଳୁମାନ୍କର୍ ସୁରକ୍ଷା ବାବଦ୍ ଆଲୋଚନା କରାଯାଇଥିଲା । ଇତାର୍ସହେତେ ସାଧାରଣ୍ ଲୁକ୍କୁ ଟ୍ରାଫିକ୍ ନିର୍ଦ୍ଦେଶାବଳୀକେ ପାଲନ୍ କର୍ବାର୍କେ ଶ୍ରୀ ଖୁରାନିଆ ଅନୁରୋଧ୍ କରିଛନ୍ ।

(ଭଏସ୍ ଓଭର୍- ପୁଲିସ୍ ମହାନିର୍ଦ୍ଦେଶକ୍)

ବୈଠକ୍ଥି ଅତିରିକ୍ତ ମହାନିର୍ଦ୍ଦେଶକ ଆର୍.ପି. କୋଚେଙ୍କର୍ ସହେତେ ଅଲ୍ଗା ବରିଷ୍ଠ ପୁଲିସ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ମହାପ୍ରଭୁ ଶ୍ରୀଜଗନ୍ନାଥ-ଜମି ଆଇ.ଆଣ୍ଡ.ପି.ଆର୍

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ଜମିଜମାର ସୁରକ୍ଷାକେ ନେଇକରି ଆଏଜ୍ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ର

ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍ ନୁ ମିଲିଥିବା ସୂଚ୍ନା ଅନ୍ସାରେ ରାଜ୍ୟ ସର୍କାର୍ଙ୍କର୍ ନିର୍ଦ୍ଦେଶ୍ଥି ଖୋର୍ଦ୍ଧା ଜିଲ୍ଲାର୍ ଭିନ୍ ଭିନ୍ ତହସିଲ୍ ନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ନାଁଥି ଥିବା ଆଉ ମାର୍ଫତ୍ଦାର୍ଙ୍କର୍ ନାଁଥି ରେକର୍ଡ଼ଭୁକ୍ତ ଜମିର୍ ରେକର୍ଡ଼ ଅଫ୍ ରାଇଟ୍ସ୍ ସଂଶୋଧନ୍ କାମ୍ ସଫଲତାର୍ ସହେତେ ଜାରି ରହିଛେ । ଜିଲ୍ଲାର୍ ଭିନ୍ ଭିନ୍ ତହସିଲ୍ ନ ମୋଟ୍ ୭ ଶହ ୯୬ ଟା ଖାତାଥି ୪ ହଜାର୍ ୭ ଶହ ୨୮ ଦଶ୍ମିକ୍ ୩/୫/୭ ଏକଡ଼୍ ଜମି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର୍ ସମ୍ପତି ଭାବେ ଚିହ୍ନଟ୍ ହେଇଛେ । ସେଥିର୍ଭିତ୍ରୁ ୭ ଶହ ୮୫ ଟା ଖାତାଥି ଥିବା ୪ ହଜାର୍ ୭ ଶହ ୧୩ ଦଶ୍ମିକ୍ ୨/୨/୫ ଏକଡ଼୍ ଜମିର ଖତିଆନ୍ ସଂଶୋଧନ୍ କାମ୍ ସଫଲତାର୍ ସହେତେ ପୁରା କରାଯାଇଛେ ବଲି ସୂଚ୍ନା ମିଲିଛେ ।

ଶ୍ରୀଜୀଉ-ଫୁଲୁରୀ ତେଲ ଲାଗି ଆର୍ଏନ୍ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଜରେ ପଡ଼ିଥିବା ଦାରୁ ବିଗ୍ରହ ମାନ୍କର୍ ଅଣସର ଘରେ ଗୁପ୍ତ ସେବା ଚାଲିଛେ । ଗଲାକାଏଲ୍

ଶ୍ରୀଜୀଉମାନ୍‌କର୍ ଶରୀର୍‌ନୁ ବଛର୍‌ସାରା ଲାଗି ହେଇଥିବା ଚନ୍ଦନ, ପାଟଡୋରୁ ଆଉ ଶ୍ରୀମୁଖନୁ କପ୍‌ଡ଼ା କଢ଼ାଯାଇଛେ । ଆଏଜ୍ ରାତି ନ ଶ୍ରୀଜୀଉମାନ୍‌କୁ ଫୁଲୁରୀ ତେଲ ଲାଗି ହେବା । ପରମ୍ପରା ଅନ୍‌ସାରେ ବଡ଼ ଓଡ଼ିଆ ମଠ ତର୍‌ଫୁ ଖାସ୍ କରି ତିଆର୍ ହେଇଥିବା ଫୁଲୁରୀ ତେଲ୍‌କେ ବଛରେ ଆଘୋନୁ ମାଟ୍‌ତଲେ ତୁପାଯାଇକରି ରଖାଯାଏସି । ଇ ଦିବ୍ୟ ତେଲ୍‌କେ ଦଇତାପତି ସେବକ୍‌ମାନେ ମହାପ୍ରଭୁଙ୍କର୍ ଶ୍ରୀଅଙ୍ଗ ନ ଲାଗି କର୍‌ବେ । ବିଶ୍ୱାସ୍ ରହିଛେ ଇ ତେଲ୍ ଲଗାଯିବାର୍ ଉତ୍‌ରୁ ଜରେ ପଡ଼ିଥିବା ଶ୍ରୀଜୀଉମାନ୍‌କର୍ କଷ୍ଟ ଲାଘବ ହେସି । ଫୁଲୁରୀ ତେଲ ବାବ୍‌ଦେ ବଡ଼ ଓଡ଼ିଆ ମଠର ମହନ୍ତ ବଂଶୀଧର ଦାସ ଗୋସ୍ୱାମୀ ଆକାଶ୍‌ବାଣୀକେ କହିଛନ୍ ....

(ଭଏସ୍ ଓଭର୍- ବଂଶୀଧର ଦାସ ଗୋସ୍ୱାମୀ )

ସ୍ୱାମୀ ବିବେକାନନ୍ଦ ତିରୋଧାନ ଦିବସ    ଆର୍‌ଏନ୍‌ୟୁ/ କଟକ୍

ଆଧ୍ୟାତ୍ମିକ ଗୁରୁ, ସଂସ୍କାରକ, ଦାର୍ଶନିକ, ଶିକ୍ଷାବିତ୍ ଆଉ ସନାତନ ଧର୍ମକେ ବିଶ୍ୱସ୍ତର୍‌ଥି ପରିଚିତ କରେଇଥିବା ସ୍ୱାମୀ ବିବେକାନନ୍ଦଙ୍କର୍ ଆଏଜ୍ ତିରୋଧାନ୍ ଦିବସ୍ । ଧରାପୃଷ୍ଠ ନ

ଯେନ୍ କେତେଝନ୍ ପ୍ରସିଦ୍ଧ ସନ୍ନ୍ୟାସୀଙ୍କର୍ ବିଷେ ଆଲୋଚନା କରାଯାଏସି, ସେମାନ୍‌କର୍ ଭିତ୍‌ରୁ ସ୍ୱାମୀ ବିବେକାନନ୍ଦ ଝନେ ଆନ୍ । ଆଧ୍ୟାତ୍ମିକ ଗୁରୁ ରାମକୃଷ୍ଣ ପରମହଂସଙ୍କର୍ ଶିଷ୍ୟ ବିବେକାନନ୍ଦ ବେଦ ଆଉ ଯୋଗ ଦର୍ଶନ୍ ଲାଗି ସାରା ପୁର୍‌ଥି ନ ଲୋକପ୍ରିୟ ଥିଲେ ।

ଅନ୍ତର୍ଜାତୀୟ ସମବାୟ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ନିରନ୍ତର ବିକାଶ୍ ଦିଗେ ସମବାୟ ସଂସ୍ଥାର୍ ଯୋଗଦାନ୍‌କେ ତହଁକାବାର୍ ଲାଗି ଆଏଜ୍ ଅନ୍ତର୍ଜାତୀୟ ସମବାୟ ଦିବସ ପାଲନ୍ କରାଯାଉଛେ । ଅନ୍ତର୍ଜାତୀୟ ସମବାୟ ସଂଘ ତର୍‌ଫୁ ୧୯୨୩ ମସିହାଠାନୁ ଫି' ବଛର୍ ଜୁଲାଇ ମାସର୍ ପହେଲା ଶନିବାର୍‌କେ ଇ ଦିବସ୍ ଭାବେ ପାଲନ୍ କରାଯାଏସି । ଇ ବଛର୍ ଇ ଦିବସ୍‌ର ବାର୍ତା ହେଉଛେ 'ଗୁଟେ ଶାନ୍ତିପୂର୍ଣ୍ଣ ପୁର୍‌ଥି ଲାଗି ସମବାୟ' । ଇ ଅବ୍‌ସରେ ସାରା ପୁର୍‌ଥି ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଉଛେ ।

ରବିଧାନ କ୍ରୟ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ସବୁ ଚାଷୀମାନ୍‌କର୍ ଧାନ୍ ଘିନ୍‌ବାର୍ ଲାଗି ଜିଲ୍ଲାପାଲ୍ ପ୍ରତିଶ୍ରୁତି ଦେବାର୍ ଉତ୍‌ରୁ ଶହେ ପ୍ରତିଶତ୍ ଚାଷୀଙ୍କର୍ ଆଇସ୍କାନ୍ ଶେଷ୍ ହେଇଛେ । ଗଲାକାଏଲ୍ ରାତି ତକ୍ ଆଇସ୍କାନ୍ କାମ୍ ଶେଷ୍ ହେଇଥିବା ସୂଚ୍‌ନା ମିଲିଛେ । ଆଘୋନୁ ରବିଧାନ୍ ଘିନା ନେଇକରି ସମସ୍ୟା ଦେଖାଦେଲେ ଚାଷୀମାନେ ଇତାର୍ ତୁର୍‌ତି ସମାଧାନ୍ ଲାଗି ଦାବି କରିଥିଲେ ।

ନୂତନ କୋଠା ନିର୍ମାଣ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ତିଆରି ଚାଲିଥିବା ସ୍ୱାସ୍ଥ୍ୟ ପ୍ରକଳ୍ପମାନ୍‌କର୍ ଅଗ୍ରଗତି ବାବ୍‌ଦେ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ସମୀକ୍ଷା କରିଛନ୍ । ମନମୁଣ୍ଡା ନ ତିଆରି ଚାଲିଥିବା ୫୦ ଶଯ୍ୟାର ମାତୃ ଆଉ ଶିଶୁ ଚିକିତ୍ସା କେନ୍ଦ୍ର ଆଉ ପଲ୍‌ସାଗୋରାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର୍ ନୂଆଁ କୋଠା ତିଆରି କାମ୍‌କେ ଧାରିଜ୍ ସମିଆ ଭିତ୍‌ରେ ସାର୍‌ବାର୍ ଲାଗି ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ ।

ଫୁଲବଲ ପ୍ରତିଯୋଗିତା ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ନ ହେଇଥିବା ଉତର୍-ପୂର୍ବାଂଚଲ୍ ଦୃଷ୍ଟିବାଧିତ ଫୁଟବଲ ପ୍ରତିଯୋଗିତାଥି ଓଡ଼ିଶା ମହିଳା ଦଲ୍ ସ୍ୱର୍ଣ୍ଣପଦକ୍ ହାସଲ୍ କରିଛେ । ପୁରୁଷ ଦଲ୍‌କେ କାଂସ୍ୟପଦକ୍ ମିଲିଛେ । ମହିଳା ବର୍ଗର ଫାଇନାଲ୍ ମେଚ୍‌ଥି ଓଡ଼ିଶା ୧-ଶୂନ୍ ଗୋଲ୍‌ଥି ପଶ୍ଚିମବଙ୍ଗକେ ହରେଇକରି ଚମ୍ପିଆନ୍ ହେଇଛେ । ଦଲ୍ ତର୍‌ଫୁ ପଦ୍ମିନୀ ଟୁଡୁ ଗୋଲ୍ କରିଥିଲେ । ସୂଚ୍‌ନା ଅନ୍‌ସାରେ, ଓଡ଼ିଶାର୍ ପୁରୁଷ ଆଉ ମହିଳା ଦଲ୍ ଆଏବା ଆଇ.ବି.ଏଫ୍.ଏଫ୍. ଜାତୀୟ ଦୃଷ୍ଟିବାଧିତ ଫୁଟ୍‌ବଲ ଚାମ୍ପିଆନ୍‌ସିପ୍ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ ।

ପାଣିପାଗ ଆଇ.ଆଣ୍ଡ୍.ପି.ଆର୍

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ଇତାକେ ଲାଗିକରି ଥିବା ଉତର୍ ଓଡ଼ିଶା - ପଶ୍ଚିମବଙ୍ଗ ସମୁଦ୍ର ଖଁଡ଼ି ନ ସକ୍ରିୟ ଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ରାଏଜେ ବର୍ଷା ଲାଗି ରହିଛେ ।

ବର୍ଷାକେ ନଜର୍ଥି ରଖିକରି ସ୍ୱତନ୍ତ୍ର ରିଲିଫ୍ କମିଶନର୍ଙ୍କର୍ ଅଧୀନ୍ଥି ଥିବା ଷ୍ଟେଟ୍ ଏମର୍ଜେନ୍ସି ଅପରେସନ୍ ସେଂଟର୍ ସବୁ ଜିଲ୍ଲା ଜରୁରୀ କାଳୀନ ପରିଚାଳନା କେନ୍ଦ୍ର ସାଙ୍ଗେ ସମନ୍ୱୟ ରଖିକରି ୨୪ ଘଂଟିଆ ପରିସ୍ଥିତିର ନିରୀକ୍ଷଣ୍ କରୁଛେ । ଭାରତୀୟ ପାଣିପାଗ୍ ବିଭାଗ୍ର ସୂଚ୍ନା ଅନ୍ସାରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ନୁ ଅତି ଜବର୍ ଆଉ କେତେଟା ଜାଗା ନ ମଧ୍ୟମ୍ ଧରଣ୍ର ବର୍ଷା ହେଇପାରେ । ସମ୍ବଲ୍ପୁର୍, ଅନୁଗୁଲ୍, ବୌଦ୍ଧ, ସୁବର୍ଣ୍ଣପୁର୍ ଆଉ କନ୍ଧମାଲ୍ ଜିଲ୍ଲା ଲାଗି ପାଣିପାଗ୍ ବିଭାଗ୍ ତର୍ଫୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛେ । ସେଆଡ଼େ ରେଡ୍, ଅରେଞ୍ଜ ଆଉ ୟେଲୋ ୱାର୍ଣ୍ଣିଂ ଜାରି ହେଇଥିବା ସବୁ ଜିଲ୍ଲା ନ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା କର୍ବାର୍ ଲାଗି ପ୍ରଶାସନିକ୍ ବ୍ୟବସ୍ଥାକେ ପୁରାପୁରି ସଜାଗ୍ ରହେବାର୍କେ ରାଜ୍ୟ ସର୍କାର୍ ନିର୍ଦ୍ଦେଶ୍ ଦେଇଛନ୍ ।